# ଡ଼ାକ୍ତରୀ ପଦ୍ଧତିରେ ଗର୍ଭସମାପ୍ତି ସଂଶୋଧିତ (MTP) ଅଧିନିୟମ-୨୦୨୧, ଭାରତ

CommonHealth

## ପୃଷ୍ଠଭୂମି

ଭାରତରେ କେତେକ ସର୍ତ୍ତରେ ଗର୍ଭସମାପ୍ତି ଆଇନସମ୍ମତ ଅଟେ । ୧୯୭୧ ମସିହାରେ ପ୍ରଥମଥର ପାଇଁ ଡ଼ାକ୍ତରୀ ପଦ୍ଧତିରେ ଗର୍ଭସମାପ୍ତି ଅଧିନିୟମ ପ୍ରଣୟନ କରାଯାଇଥିଲା । ୧୯୭୧ ମସିହା ପର୍ଯ୍ୟନ୍ତ ଗର୍ଭସମାପ୍ତି କରିବା ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ଥିଲା । ୧୯୬୪ ମସିହାରେ ଭାରତ ସରକାର ଜନସଂଖ୍ୟାର ବୃଦ୍ଧି, ମାତୃମୃତ୍ୟୁ ହାର ଏବଂ ଅସୁରକ୍ଷିତ ଗର୍ଭସମାପ୍ତିର ଭୟାବହତାକୁ ଦୃଷ୍ଟିରେ ରଖି ଶାନ୍ତିଲାଲ କମିଟି ଗଠନ କରିଥିଲେ । ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗର୍ଭସମାପନ କରିବାର ସାମାଜିକ-ସାଂସ୍କୃତିକ, ଆଇନଗତ ଏବଂ ଚିକିତ୍ସାଦିଗ ଗୁଡ଼ିକୁ ସମୀକ୍ଷାକରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା । ଶାନ୍ତିଲାଲ କମିଟି କେତୋଟି ନିର୍ଦ୍ଦିଷ୍ଟ ସର୍ତ୍ତରେ ଗର୍ଭସମାପ୍ତି ବା ଆର୍ବସନ ସେବାକୁ ଆଇନସମ୍ମତ କରିବାକୁ ପ୍ରସ୍ତାବ ଦେଇଥିଲେ । କମିଟିର ସୁପାରିଶଗୁଡ଼ିକ ପରବର୍ତ୍ତୀ ସମୟରେ MTP ଅଧିନିୟମ ରୂପ ନେଇଥିଲା । ୧୯୭୧ରୁ ଏପର୍ଯ୍ୟନ୍ତ ୩ଥର ପାଇଁ ଯଥା-୨୦୦୨, ୨୦୦୩ ଏବଂ ନିକଟରେ ୨୦୨୧ ରେ ଏହି ଅଧିନିୟମ ସଂଶୋଧିତ ହୋଇଛି । MTP ଅଧିନିୟମ ଅନୁଯାୟୀ (ନିମ୍ନରେ ଦିଆଯାଇଥିବା) କିଛି ନିର୍ଦ୍ଦିଷ୍ଟ ନିୟମ ଅଛି ଏବଂ ଏସବୁର ଉଲଙ୍ଘନ କଲେ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ୨ରୁ ୭ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ।

## କେଉଁ ପରିସ୍ଥିତିରେ ଗର୍ଭସମାପ୍ତି କରାଯାଇପାରିବ:

**ଗର୍ଭସମାପ୍ତି କରାଯାଇପାରିବ ଯଦି,**

- ଗର୍ଭାବସ୍ଥା ଜାରୀ ରହିଲେ ଗର୍ଭବତୀ ମହିଳାଙ୍କ ଜୀବନ କିମ୍ବା ସ୍ୱାସ୍ଥ୍ୟ ବିପଦାପନ୍ନ ହେଉଥିବ ।
- ବଳାତ୍କାର ଶୀକାର ହୋଇ ଗର୍ଭଧାରଣ କରିଥିବେ ।
- ଗର୍ଭନିରୋଧକର ବିଫଳତା ହେତୁ ଗର୍ଭ ରହିଥିବ । (ସଂଶୋଧିତ ଅଧିନିୟମ ଅନୁଯାୟୀ, ଅବିବାହିତା ମହିଳାଙ୍କ କ୍ଷେତ୍ରରେ ମଧ୍ୟ); ଏବଂ
- ଛୁଆଟି ଜନ୍ମହେଲେ ଗୁରୁତ୍ୱପୂର୍ଣ୍ଣ ଶାରୀରିକ, ମାନସିକ (ଜନ୍ମଗତ) ବିକୃତିର ଆଶଙ୍କା ଥିବ ।

## ଗର୍ଭସମାପ୍ତି କେତେ ଅବଧି ପର୍ଯ୍ୟନ୍ତ ଆଇନସମ୍ମତ ଅଟେ?

**୨୦୨୧ର ସଂଶୋଧନପରେ ଗର୍ଭଧାରଣର ୯ସପ୍ତାହ ପର୍ଯ୍ୟନ୍ତ ଔଷଧ ବ୍ୟବହାର କରି ଗର୍ଭସମାପ୍ତି କରିବାକୁ ଅନୁମତି ପ୍ରଦାନ କରାଯାଇଛି । ବର୍ତ୍ତମାନ ଗର୍ଭଧାରଣର ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭସମାପ୍ତି କରିବା ଆଇନସମ୍ମତ ।**

- **ଜଣେ ପଞ୍ଜିକୃତ ଚିକିତ୍ସକଙ୍କ ମତ ଆବଶ୍ୟକ ଯଦି ଗର୍ଭଧାରଣ ଅବଧି ୨୦ ସପ୍ତାହରୁ କମ**

- ଦୁଇଜଣ ପଞ୍ଜିକୃତ ଚିକିତ୍ସକଙ୍କ ମତ ଆବଶ୍ୟକ ଯଦି ଗର୍ଭଧାରଣର ଅବଧି ୨୦-୨୪ ସପ୍ତାହ ହୋଇଥାଏ

ଯଦିଓ ଗର୍ଭଧାରଣର ଉପରସୀମା ୨୦-୨୪ସପ୍ତାହରୁ ଉର୍ଦ୍ଧ୍ୱ ଗର୍ଭବତୀ ଥିବା ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେବ । ଗର୍ଭପାତର ଏହି ବିଶେଷ ନିୟମ ସଂଶୋଧିତ ଆଇନ ଅନୁଯାୟୀ ଏବେ ପ୍ରସ୍ତୁତ ହୋଇଛି । କିନ୍ତୁ ଗର୍ଭସ୍ଥ ଭ୍ରୃଣର ସ୍ଥିତିରେ ଅସାଭାବିକତା ଥିଲେ ୨୪ ସପ୍ତାହ ପରେ ମଧ୍ୟ ଏକ ରାଜ୍ୟ ମେଡ଼ିକାଲ ବୋର୍ଡ଼ର ସୁପାରିଶରେ ଗର୍ଭସମାପ୍ତି କରାଯାଇପାରିବ । ମେଡ଼ିକାଲ ବୋର୍ଡ଼କୁ ୩ଦିନ ମଧ୍ୟରେ ନିଷ୍ପତ୍ତି ନେବାକୁ ହେବ ଏବଂ ସେହି ନିଷ୍ପତ୍ତିର ୫ ଦିନ ମଧ୍ୟରେ ସମାପ୍ତି କରିବାକୁ ପଡିବ ।

## ମେଡ଼ିକାଲ ବୋର୍ଡ଼

ପ୍ରତ୍ୟେକ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ସରକାର, ସରକାରୀ ଗେଜେଟ ବିଜ୍ଞପ୍ତି ମାଧ୍ୟମରେ ଅଧିନିୟମ ଅନୁଯାୟୀ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ, ଜଣେ ଶିଶୁରୋଗ ବିଶେଷଜ୍ଞ, ଜଣେ ରେଡ଼ିଓଲୋଜିଷ୍ଟ କିମ୍ବା ସୋନୋଲୋଜିଷ୍ଟ ଏବଂ ଅନ୍ୟ ଜଣେ ସଦସ୍ୟଙ୍କୁ ନେଇ ଏକ ମେଡ଼ିକାଲ ବୋର୍ଡ଼ ଗଠନ କରିବେ ।

## ସୁରକ୍ଷିତ ଗର୍ଭସମାପ୍ତି ସେବା କେଉଁମାନେ ଦେଇପାରିବେ?

ଗର୍ଭସମାପ୍ତି ସେବା କେବଳ ଅଧିନିୟମ ଦ୍ୱାରା ନିର୍ଦ୍ଧାରିତ (MBBS / Allopath) ପଞ୍ଜୀକୃତ ଏବଂ ପ୍ରଶିକ୍ଷିତ ଅଭିଜ୍ଞ ଡ଼ାକ୍ତର କିମ୍ବା ସ୍ତ୍ରୀରୋଗ ଅଥବା ପ୍ରସୂତି ବିଭାଗ ବିଶେଷଜ୍ଞ ମାନେ ଦେଇପାରିବେ ।

## ଗର୍ଭସମାପ୍ତି ପାଇଁ ଉଦ୍ଦିଷ୍ଟ ସ୍ଥାନ

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉପରକୁ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଗର୍ଭସମାପ୍ତି ସେବାପ୍ରଦାନ ଅନୁମୋଦିତ ଅଟେ । ବେସରକାରୀ/ଘରୋଇ ଚିକିତ୍ସାଳୟରେ କ୍ଷେତ୍ରରେ ନିମ୍ନଲିଖିତ କେନ୍ଦ୍ରଗୁଡ଼ିକରେ ଗର୍ଭସମାପ୍ତି ସେବା ମିଳିପାରିବ;

- ଜରୁରୀ କାଳୀନ ପରିସ୍ଥିତି ବ୍ୟତୀତ କେନ୍ଦ୍ରଟି ସରକାରଙ୍କ ଦ୍ୱାରା ଗଠିତ ଏକ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଗର୍ଭସମାପ୍ତି ସେବାକେନ୍ଦ୍ରର ମାନ୍ୟତା ପାଇଥିବ ।
- ଏକ ଅପରେସନ ଟେବଲ, ଯନ୍ତ୍ର, ଆନାସ୍ଥେଟିକ୍, ପୁନଃରୁଦ୍ଧାର, ନିରାକରଣ ଉପକରଣ, ଏବଂ ଜରୁରୀକାଳୀନ ବ୍ୟବହାର ପାଇଁ ଔଷଧ,ସାଲାଇନ୍ ବା ଡ୍ରିପ୍ସ ଇତ୍ୟାଦି ଉପକରଣ କେନ୍ଦ୍ରରେ ବନ୍ଦୋବସ୍ତ ଥିବ ।

ଗର୍ଭସମାପ୍ତି ସେବାପ୍ରଦାନ କରିବାପାଇଁ ଅନୁମୋଦନ ପାଇଥିବା ସେବାପ୍ରଦାନକାରୀ ଯେକୌଣସି କ୍ଲିନିକ୍ ବା ଚିକିତ୍ସାକେନ୍ଦ୍ରରେ ମେଡ଼ିକାଲ ଆବରସନ୍ ପିଲ (MA pill) ଦେଇ ଗର୍ଭସମାପ୍ତି ସେବା ଯୋଗାଇପାରିବେ କିନ୍ତୁ ଯଦି ଗର୍ଭସମାପ୍ତି ଜନିତ କୌଣସି ଜଟିଳତା ପରିସ୍ଥିତିରେ ଉପର ଲିଖିତ ଗର୍ଭସମାପ୍ତି ସେବାପାଇଁ ଅନୁମୋଦିତ କେନ୍ଦ୍ର ବା ରେଫରାଲ ହସପିଟାଲ ସହିତ ତାଙ୍କର ଗର୍ଭସମାପ୍ତି ଜଟିଳତା ଜନିତ ସେବାଦେବାପାଇଁ ସହବନ୍ଧନ ଥିବ । ଏବଂ ଉକ୍ତ ସେବାକେନ୍ଦ୍ରର ମାଲିକଙ୍କ ସହିତ ସହବନ୍ଧନର ଏକ ଲିଖିତ ରାଜିନାମା ମେଡ଼ିକାଲ ଆବରସନ ସେବା ଦେଉଥିବା ଚିକିତ୍ସାକେନ୍ଦ୍ରରେ ଥିବ । ପୂର୍ବ ଅଧିନିୟମ ଅନୁଯାୟୀ ଦ୍ୱିତୀୟ ତ୍ରୈମାସିକ ଗର୍ଭସମାପ୍ତି ସେବା ଦେବାପାଇଁ ପଞ୍ଜିକୃତ ବ୍ୟବସ୍ଥା ସତଃ ୨୪ ସପ୍ତାହ ପର୍ଯ୍ୟନ୍ତ ସେବାଦେବାପାଇଁ ପଞ୍ଜିକୃତ ହୋଇଯାଏ । ୨୪ ସପ୍ତାହରୁ ଅଧିକ ଗର୍ଭଧାରଣର ସମାପ୍ତିପାଇଁ ଅଲଟ୍ରାସାଉଣ୍ଡ ମାର୍ଗଦର୍ଶନର ଆବଶ୍ୟକ ତେଣୁ ଗର୍ଭସମାପ୍ତି ଅଲଟ୍ରାସାଉଣ୍ଡ ମେସିନ୍ ସହିତ ସଜ୍ଜିତ ଏବଂ PCPNDT ଅଧିନିୟମ ଅନୁଯାୟୀ ଲାଇସେନ୍ସପ୍ରାପ୍ତ ଏକ ସୁବିଧାକେନ୍ଦ୍ରରେ କରିବାକୁ ପଡିବ ।

## ଅଧିନିୟମ ଅନୁଯାୟୀ ମହିଳାଙ୍କର ଅଧିକାର

ଗର୍ଭଧାରଣ ସମାପ୍ତି ସହିତ ଜଡ଼ିତ ଅଧିକାର:

- ମହିଳାଙ୍କର ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ଗର୍ଭସମାପ୍ତି ପାଇଁ କେବଳ ତାଙ୍କର ସହମତି ଆବଶ୍ୟକ। ଯଦି ମହିଳା ୧୮ବର୍ଷରୁ କମ ଅଥବା ମାନସିକ ସ୍ତରରେ ଅସୁସ୍ଥ ଅର୍ଥାତ ମାନସିକ ବିକୃତିପାଇଁ ଚିକିତ୍ସା ଆବଶ୍ୟକ କରୁଛନ୍ତି ସେତେବେଳେ ଗର୍ଭସମାପ୍ତି ପାଇଁ ଆଇନଗତ ଅଭିଭାବକଙ୍କ ସହମତିର ଆବଶ୍ୟକତା ରହିଅଛି। ମହିଳା ଯଦି ବୟସ୍କା ହୋଇଥାନ୍ତି ତେବେ ସ୍ୱାମୀ କିମ୍ବା ଅନ୍ୟ କୌଣସି ପରିବାର ସଦସ୍ୟଙ୍କର ଆଇନ ଅନୁଯାୟୀ ଦସ୍ତଖତର ଆବଶ୍ୟକତା ନାହିଁ।
- ଗର୍ଭସମାପ୍ତି କରିବାପାଇଁ ଆସିଥିବା ମହିଳାଙ୍କର ବ୍ୟକ୍ତିଗତ ବିବରଣୀ ଗୋପନୀୟତା ନିର୍ଣ୍ଣିତ କରାଯିବ। ୨୦୨୧ ସଂଶୋଧିତ ଅଧିନିୟମରେ ଏହା ସ୍ପଷ୍ଟଭାବରେ ଦର୍ଶାଯାଇଛିଯେ, ପଞ୍ଜୀକୃତ ଡ଼ାକ୍ତର/ଚିକିତ୍ସକ ଗର୍ଭସମାପ୍ତି କରିଥିବା ମହିଳାଙ୍କ ନାମ ଏବଂ ଅନ୍ୟାନ ବିଶେଷତ୍ୱ ଆଇନ ଅନୁଯାୟୀ ଜାଣିବାର ଅଧିକାର ପରିସରଭୁକ୍ତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟତ୍ର ପ୍ରକାଶ କରିପାରିବେନାହିଁ। ଏହି ନିୟମ ଗୁଡ଼ିକରୁ କୌଣସି ନିୟମର ଉଲଙ୍ଘନ ହେଲେ ଆଇନ ଅନୁଯାୟୀ ଏକ ବର୍ଷ ପର୍ଯ୍ୟନ୍ତ ଜେଲ, ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ।

## ଗର୍ଭସମାପ୍ତି କରିବାପାଇଁ ବିଭିନ୍ନ ପଦ୍ଧତି

- ମେଡ଼ିକାଲ: ଗର୍ଭଧାରଣର ୯ ସପ୍ତାହ ବା ୬୩ଦିନ ପର୍ଯ୍ୟନ୍ତ ଅନୁମୋଦିତ । ୨୦୦ ମି.ଗ୍ରା ମିଫୋପ୍ରିଷ୍ଟୋନ୍ ଗୋଟିଏ ଟାବଲେଟ ପାଟିରେ ଏବଂ ୩୬-୪୮ ଘଣ୍ଟା ପରେ ୨୦୦ ମାଇକ୍ରୋଗ୍ରାମ ମିସୋପ୍ରୋଷ୍ଟୋଲ୍ ଦୁଇଟି ଟାବଲେଟ୍‌କୁ ଯୋନିରେ କିମ୍ବା ଜିଭ ତଳେ କିମ୍ବା ଗାଲରେ ଦେବାକୁ ହେବ । ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ୍, ଡ଼ାଇରେକ୍ଟୋରେଟ୍ ଜେନେରାଲ ଅଫ ହେଲ୍‌ଥ ସର୍ଭିସେସ୍, ମିଫେପ୍ରିଷ୍ଟୋନ୍ ୨୦୦ ମି.ଗ୍ରା ଟାବଲେଟ୍ ଏବଂ ମିସୋପ୍ରୋଷ୍ଟୋଲ୍ ୨୦୦ ମାଇକ୍ରୋଗ୍ରାମ ଚାରିଟି ଟାବଲେଟ୍ ଗର୍ଭଧାରଣର ୬୩ ଦିନ ପର୍ଯ୍ୟନ୍ତ ପାଇଁ ବ୍ୟବହାର କରିବାକୁ ଅନୁମୋଦନ କରିଛି । ଡ଼ାକ୍ତରୀ ପ୍ରେସକ୍ରିପସନ୍ ଉପସ୍ଥାପନାରେ ଏହି ଔଷଧ ଉପଲବ୍ଧ ହେବା ଆବଶ୍ୟକ ଏବଂ ଔଷଧ ଗୁଡ଼ିକର ପ୍ରୟୋଗ ପ୍ରତ୍ୟେକ୍ଷ ଡ଼ାକ୍ତରୀ ତତ୍ୱାବଧାନରେ ହେବା ଆବଶ୍ୟକ ।
- ସର୍ଜିକାଲ- ୧୨ ସପ୍ତାହ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଗର୍ଭପାଇଁ (ସିରିଞ୍ଜ ଦ୍ୱାରା ନିଷ୍କାସନ) ମାନୁଆଲ ପଦ୍ଧତି (MVA) କିମ୍ବା ବୈଦ୍ୟୁତିକ ନିଷ୍କାସନ ପଦ୍ଧତି (EVA)ରେ ଗର୍ଭସମାପ୍ତି କରିବା ଉଚିତ । ୧୨ ସପ୍ତାହରୁ ଅଧିକ ଗର୍ଭଧାରଣ ପାଇଁ ଆନାସ୍ଥେସିଆ ବା ବେହୋସ୍ ଔଷଧ ଦେଇ ବିସ୍ତାର ଏବଂ ସ୍ଥାନାନ୍ତର ମାଧ୍ୟମରେ ଗର୍ଭସମାପ୍ତି କରିବାକୁ ପଡ଼ିବ ।

## ବିଭିନ୍ନ ସମୟରେ ଗର୍ଭାବସାନକୁ ନେଇ ଆସିଥିବା ଆଇନକାନୁନ

୧. ମହିଳାଙ୍କ ଜୀବନ ବଞ୍ଚାଇବାପାଇଁ ଗର୍ଭସମାପ୍ତି ବ୍ୟତୀତ ୧୯୭୧ ମସିହା ପର୍ଯ୍ୟନ୍ତ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୧୨ ଅନୁଯାୟୀ ଗର୍ଭସମାପ୍ତି ଏକ ଦଣ୍ଡନୀୟ ଅପରାଧ ଥିଲା।

୨. ୧୯୬୪ ମସିହାରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ଶାନ୍ତିଲାଲ ଶାହ କମିଟି ଗଠନ।

୩. ୧୯୬୬ ମସିହାରେ ଶାନ୍ତିଲାଲ ଶାହ କମିଟିଙ୍କ ରିପୋର୍ଟ ଦାଖଲ।

୪. ୧୯୭୦ ମସିହାରେ ଶାନ୍ତିଲାଲ କମିଟିଙ୍କ ସୁପାରିଶ ଗୃହୀତ ଏବଂ ସଂସଦରେ ବିଲ ଆଗତ।

୫. ୧୯୭୧ ମସିହାରେ ବିଲ MTP ଆଇନ ଭାବେ ଗୃହୀତ ହେଲା ।

୬. ଜାମ୍ମୁ କାଶ୍ମୀର ବ୍ୟତୀତ ସମସ୍ତ ରାଜ୍ୟରେ ଲାଗୁ। ଜାମ୍ମୁ କାଶ୍ମୀରରେ ୩୧୨ଧାରା ବଳବତର ।

୭. ୧୯୭୫ ରେ MTP ଆଇନର ନୀତି ନିୟମାବଳୀ ନିର୍ଦ୍ଧାରଣ।

୮. ୨୦୦୨-ବ୍ୟକ୍ତିଗତ ଗୋପନୀୟତା, ସ୍ଥାନ ଅନୁମୋଦନ ପ୍ରକ୍ରୀୟାର ବିକେନ୍ଦ୍ରୀକରଣ ଏବଂ ପାଗଳ ପରିବର୍ତ୍ତେ ମାନସିକ ରୋଗୀ ଶବ୍ଦର ବ୍ୟବହାର ପାଇଁ ୨୦୦୨ରେ MTP ଆଇନ ସଂଶୋଧିତ ହେଲା। ଏସବୁ ନିୟମର ସଠିକ୍ ଅନୁପାଳନ ନକଲେ କଠିନ ଦଣ୍ଡର ବ୍ୟବସ୍ଥା କରାଯାଇଛି।

୯. ୨୦୦୩ ସଂଶୋଧନରେ ଜିଲ୍ଲାସ୍ତରୀୟ କମିଟି ଗଠନ ଏବଂ ଏହାର ଅବଧି ବ୍ୟାଖ୍ୟା କରାଗଲା। ଅନୁମୋଦିତ କେନ୍ଦ୍ରଗୁଡ଼ିକର ଆବଶ୍ୟକ ଭିତ୍ତିଭୂମି ପାଇଁ ନିର୍ଦ୍ଦେଶାବଳୀ ତଥା ଅନୁମୋଦିତ ସ୍ଥାନ ଅନୁଧାନ କରିବା ଏବଂ ଅନୁମୋଦନ ବାତିଲକରିବା ପ୍ରକିୟାକୁ ସଂଶୋଧିତ ଆଇନରେ ନିର୍ଦ୍ଦିଷ୍ଟ କରାଗଲା।

୧୦. ୨୦୧୪- ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ସାର୍ବଜନୀନ ଡ଼ୋମେନରେ ସଂଶୋଧିତ MTP ଆଇନ ସ୍ଥାନିତ ହେଲା। ଏହି ସଂଶୋଧିତ ଆଇନରେ ଗର୍ଭସମାପ୍ତି ସେବାପ୍ରଦାନକାରୀଙ୍କ ଆଧାରକୁ ସଂମ୍ପ୍ରସାରିତ କରାଗଲା। ଆଇନଗତ MTP ପାଇଁ ଗର୍ଭଧାରଣ ସୀମା ବୃଦ୍ଧି କରାଗଲା। MTP ଅଧିନିୟମରେ ଅଧିକ ସ୍ୱଷ୍ଟତା ଆସିଲା।

୧୧. ୨୦୧୬ରେ ସଂଶୋଧିତ MTP ଆଇନର ଡ୍ରାଫ୍ଟ କରାଗଲା। ଏହି ସଂଶାଧନ ଡ୍ରାଫ୍ଟରେ ଆଇନଗତ ଗର୍ଭସମାପ୍ତି ପାଇଁ ଗର୍ଭଧାରଣ ସମୟସୀମା ବୃଦ୍ଧିର ପ୍ରସ୍ତାବ ଥିଲା। ଆଇନଗତ MTP ପାଇଁ ଗର୍ଭଧାରଣ ସୀମା, ବଳାତ୍କାରରୁ ବଞ୍ଚିଥିବା, ଯୌନ ଉତ୍ପୀଡ଼ନର ଶୀକାର ହୋଇଥିବା, ଅବିବାହିତ ଏବଂ ଭିନ୍ନକ୍ଷମ ମହିଳାମାନଙ୍କ କ୍ଷେତ୍ରରେ ସମୟସୀମା ବୃଦ୍ଧି ଏବଂ ସେବା ସହଜଲଭ୍ୟ ହେବାପାଇଁ ପ୍ରସ୍ତାବ ଥିଲା।

୧୨. ୨୦୨୧ ସଂଶୋଧିତ MTP ଆଇନ ସଂସଦରେ ଅନୁମୋଦନ ଲାଭକରିଛି।

CommonHealth

**SAHAJ on behalf of CommonHealth**
SAHAJ, 1 Shri Hari Apartments, 13 Anandnagar Society,
Behind Express Hotel, Alkapuri, Vadodara, Gujarat, India 390007
Tel: 91-265-2342539 • Email: sahaj_sm2006@yahoo.co.in
Website: www.sahaj.org.in

Contact: Swati Shinde [Coordinator CommonHealth]
Email : cmnhsa@gmail.com
CommonHealth website: http://www.commonhealth.in

Sahayog
for equity and
sustainable development